(D.R. Case No. 15/2026)

**ତହସିଲଦାରଙ୍କ କାର୍ଯ୍ୟାଳୟ, ମୋରଡା**

ଇସ୍ତାହାର ନଂ ୧୬୦୩ / ତା ୦୨.୦୩.୨୦୨୬ ରିଖ

ଏତଦ୍ବାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ନିମ୍ନ ଆବେଦନକାରୀଙ୍କୁ ହସ୍ତାନ୍ତର କରାଯିବାକୁ ପ୍ରସ୍ତାବ ମଞ୍ଜୁର ହୋଇଅଛି । ଏଥିରେ ଆବେଦନକାରୀଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ସବିଶେଷ ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଅଛି । ଯେହେତୁ ଉକ୍ତ ଜମି ସରକାରୀ ଗଡିଗାଁ ଗ୍ରାମପଞ୍ଚାୟତ ,ସର୍ବସାଧାରଣ ଏବଂ କିସମ ରାସ୍ତା ଅଛି ତେଣୁ ତାହାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ। ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ**

ମୌଜାର ନାମ - କୁଣ୍ଡେଇ ଥାନାର ନାମ- ମୋରଡା ନଂ- ୮୭

| ଖାତା ନଂ | ପ୍ଲଟ ନଂ | କିସମ | ରକବା | ପ୍ରସ୍ତାବିତ | ଆବେଦନକାରୀଙ୍କ ନାମ ଏବଂ ଠିକଣା |
|---|---|---|---|---|---|
| ୮୩ (ଗଡିଆ ଗ୍ରାମପଞ୍ଚାୟତ) | ୧୮ | ରାସ୍ତା | ଏ ୦.୦୬ | ଖାତା- ଆବାଦ ଯୋଗ୍ୟ ଅନାବାଦୀ କିସମ-ପତିତ | ଜଳ ସମ୍ପଦ ବିଭାଗ , ଓଡିଶା ସରକାର, ସୁବର୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି |
| ୮୧ (ସର୍ବସାଧାରଣ) | ୪୫ | ରାସ୍ତା | ଏ ୦.୩୬ | | |
| | ୫୧୮ | ରାସ୍ତା | ଏ ୦.୦୩ | | |
| ମୋଟ | | | ଏ ୦.୪୫ | | |

ଏହାର ଏକକିତା ନକଲ କୁଣ୍ଡେଇ ମୌଜାରେ ଡେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ମୋରଡା / ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗଡିଗାଁ / ରାଜସ୍ୱ ନିରୀକ୍ଷକ ଗଡିଗାଁଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।ଏହାର ଏକକିତା ନକଲ ମୋରଡା ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

୦୨/୦୩/୨୬

ତହସିଲଦାର, ମୋରଡା